# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗାଁରେ ବିକାଶ ବାଟବଣା

- ତାଳଚେରକୁ ବୁଢ଼ିଆଣୀ ଜାଲ ପରି ଘେରି ରହିଛି ରେଳ ଲାଇନ
- ରେଳଧାରଣା ଓ ରେଳ ଫାଟକ ପାଇଁ ଆଖିଦୃଶିଆ ପଦକ୍ଷେପ ନାହିଁ
- ନିର୍ମାଣ ହେଉନି ରେଲୱେ ଓଭରବ୍ରିଜ୍; ଅଞ୍ଚଳବାସୀ ହନ୍ତସନ୍ତ
- ୧୨ ବର୍ଷ ହେଲା ଘଣ୍ଟପଡ଼ାରେ ଓଭରବ୍ରିଜ୍ କାମ ୩୦% ସରିନି
- ଭୋଟ ମାଧ୍ୟମରେ କଡ଼ା ଜବାବ ଦେବାକୁ ଭୋଟରଙ୍କ ସଜବାଜ



ଅନୁଗୋଳ, ୪।୫(ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମମାଟି ତାଳଚେରକୁ ବୁଢ଼ିଆଣୀ ଜାଲ ପରି ଘେରିରହିଛି ରେଳ ଲାଇନ। ପ୍ରତି ଘଣ୍ଟାରେ ୫ରୁ ୧୦ ଟି ଲେଖାଏଁ ଟ୍ରେନ୍ ଯାତାୟାତ କରିବା ଯୋଗୁଁ ଘଣ୍ଟା ଘଣ୍ଟା ଧରି ପଡ଼ିରହୁଛି ରେଳ ଫାଟକ। ଯେଉଁଥି ପାଇଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ କଳାହୀରାର ସହର କୁହାଯାଉଥିବା ତାଳଚେର ଏବେ ଅବହେଳିତ। କେବଳ କେନ୍ଦ୍ରମନ୍ତ୍ରୀଙ୍କ ଭାଷଣରେ ସୀମିତ ହୋଇ ରହିଛି ତାଳଚେରର ବିକାଶ। ତାଳଚେରରୁ ଦୈନିକ ହଜାର ହଜାର ଟନ୍ କୋଇଲା ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ପରିବହନ ହେଉଛି। ପ୍ରତିବଦଳରେ କେନ୍ଦ୍ର ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ମଧ୍ୟ ପାଉଛନ୍ତି। କିନ୍ତୁ କୋଇଲା ପରିବହନ ପାଇଁ ପଡ଼ିଥିବା ରେଳ ଧାରଣାଗୁଡିକ ତାଳଚେର ସହରକୁ ବୁଢ଼ିଆଣୀ ଜାଲ ପରି ଛନ୍ଦିରଖିଛି। ଯାହା ଫଳରେ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁନାହିଁ। ତାଳଚେରରେ ଥିବା ରେଳ ଧାରଣାଗୁଡ଼ିକୁ ଅତିକ୍ରମ କରିବା ପାଇଁ ପ୍ରାୟ ଅଧିକାଂଶ ସ୍ଥାନରେ ରେଲୱେ ଓଭରବ୍ରିଜର ଆବଶ୍ୟକତା ଥିବା ବେଳେ କେବଳ ଘଣ୍ଟପଡ଼ାଠାରେ ଓଭରବ୍ରିଜ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ତାହା ମଧ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ୨୦୧୨ ଜୁନ ପହିଲାରେ ତତ୍କାଳୀନ କୋଇଲା ମନ୍ତ୍ରୀ ଶ୍ରୀପ୍ରକାଶ ଜୈସ୍ୱାଲଙ୍କ ଦ୍ୱାରା ଏହି ବ୍ରିଜର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୭ କୋଟି ୨୧ ଲକ୍ଷ ବ୍ୟୟ ଅଟକଳରେ ୨୦୧୬ ମସିହା ଅକ୍ଟୋବର ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୨୦୧୮ ଅକ୍ଟୋବର ମାସରେ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହି କାର୍ଯ୍ୟ ପାଇଁ ଏମସିଏଲ ଏବଂ ରେଳବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ତାଳଚେରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବାରମ୍ବାର ଦାବି କରିଆସୁଥିଲେ ହେଁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନ୍ଦୋଳନାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉଛି। ଆଗାମୀ ଦିନରେ ଭୋଟ ମାଧ୍ୟମରେ ଏହାର କଡ଼ା ଜବାବ ଦିଆଯିବା ନେଇ ତାଳଚେର ଭୋଟର ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ତାଳଚେର ମାଟିର ପୁଅ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରରେ ମନ୍ତ୍ରୀ ଥାଇ ମଧ୍ୟ ତାଳଚେରରେ ମୁଖ୍ୟ ସମସ୍ୟା ପାଲଟିଥିବା ରେଳଧାରଣା ଏବଂ ରେଳ ଫାଟକ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ନିହାତି ନିନ୍ଦନୀୟ। ଏବେ ଶ୍ରୀ ପ୍ରଧାନ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ ଲୋକସଭା ଅନ୍ତର୍ଗତ ଭୋଟରମାନେ ଶ୍ରୀ ପ୍ରଧାନ ନିଜ ମାଟି ପାଇଁ କେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି, ସେ ବାବଦରେ ପ୍ରଶ୍ନ କରନ୍ତୁ ବୋଲି ତାଳଚେରର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା, କେବେ କେନ୍ଦ୍ରମନ୍ତ୍ରୀ ତାଳଚେରବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ତାଳଚେରକୁ ବୁଢ଼ିଆଣୀ ଜାଲ ପରି ଘେରି ରହିଥିବା ରେଳଧାରଣାରୁ କେବେ ଅଞ୍ଚଳବାସୀଙ୍କୁ ମୁକ୍ତି ମିଳୁଛି।



## ତାଳଚେର କୋଲ୍ ମାଇନ୍ସ ଏମ୍ପ୍ଲୋଇଜ୍ ୟୁନିଅନର କର୍ମକର୍ତ୍ତା ଚୟନ




ବଲଣ୍ଡା, , ୪।୫(ସମିସ): ଏଆଇଟିୟୁସି ସହବନ୍ଧିତ ତାଳଚେର କୋଲ ମାଇନ୍ସ ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ସ୍ଥାନୀୟ ସାଉଥ ବଲଣ୍ଡା ସ୍ଥିତ କାର୍ଯ୍ୟାଳୟ ଠାରେ ଶ୍ରମିକ ଦିବସ ପାଳନ ସହ ନୂତନ କାର୍ଯ୍ୟକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ବିଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଡିଏଭି କଳିଙ୍ଗ ଏରିଆର ଶିକ୍ଷକ କେ.କେ.ଆଚାର୍ଯ୍ୟ, ଡିଏଭି ଜଗନ୍ନାଥ ଏରିଆର ଶିକ୍ଷକ ରବି ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଶ୍ରମିକ ନେତା ଏସ.କେ.ଶର୍ମା, ବୃନ୍ଦାବନ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଭୁତି ଦ୍ୱାରୀ, ଈଶ୍ୱର ଚନ୍ଦ୍ର ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଦିବସରେ ତାଳଚେର କୋଲ ମାଇନ୍ସ ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅନିତ ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ ସଭାପତି ଭାବେ ସୀମା ମଣ୍ଡଳ, ଉପସଭାପତି ଭାବେ ତ୍ରିବେଣୀ ବିଶ୍ୱାଳ ଏବଂ ବିଜୟ ପ୍ରଧାନ, ସହ ସମ୍ପାଦକ ଭାବେ ବୃନ୍ଦାବନ ଲେଙ୍କା, ଈଶ୍ୱର ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହାସଚିବ ଭାବେ ଏସ.କେ.ଶର୍ମା, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ପ୍ରଧାନ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ୨୫ଜଣଙ୍କୁ ଚୟନ କରାଯାଇଥିଲା।



**ପେଟ ପାଇଁ ନାଟ**: ଅନୁଗୋଳ ହାଟରେ ପରିବା ବେପାର ସାରି ଘରକୁ ଫେରୁଛନ୍ତି ଦୁଇ ବୟସ୍କ ମହିଳା (ଫଟୋ -ଚିକୁ)

## ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ଭରତପୁର ଏରିଆ ମହାପ୍ରବନ୍ଧକ ଏବଂ କ୍ଷେତ୍ରୀୟ କାର୍ମିକ ଅଧିକାରୀଙ୍କ ସହ ଆଲୋଚନା

ତାଳଚେର, ୪।୫(ସମିସ): ତାଳଚେର ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଏମସିଏଲ୍ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ଭରତପୁର ଏରିଆ ମହାପ୍ରବନ୍ଧକ ଦିବ୍ୟଜୀବନ ସି ଏବଂ କ୍ଷେତ୍ରୀୟ କାର୍ମିକ ଅଧିକାରୀ ସୁକଦେବ ସେଠଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମସିଏଲ୍ ଆମ୍ବୁଲାନ୍ସ ଡିଭିଜନ୍ କମାଣ୍ଡର ତଥା ଅବୈତନିକ ଯୁଗ୍ମ ସଂପାଦକ ଅନୁଗୋଳ ଜିଲ୍ଲା ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏରିଆ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରିବା ସହ ଅନୁଷ୍ଠାନ ବିଷୟରେ ଆଲୋଚନା କରାଯାଇଥିଲା। ମହାପ୍ରବନ୍ଧକ ଶ୍ରୀ ସି ଜଣେ ମେଳାପୀ, ସ୍ପଷ୍ଟବାଦୀ, ବିଚକ୍ଷଣ, ସୁଦକ୍ଷ, ସହାନୁଭୂତି ସଂପନ୍ନ ଓ ନୀତିବାନ୍ ଅଧିକାରୀ ଭାବେ ପରିଚିତ ଅଛନ୍ତି। ତାଙ୍କ ମାର୍ଗଦର୍ଶନରେ ଏମସିଏଲ୍ ସହିତ ସାରା ଓଡିଶାରେ ବିଭିନ୍ନ ପ୍ରକାର ଅସୁବିଧା ଯଥା-ଦୁର୍ଘଟଣା, ଆକସ୍ମିକ ପ୍ରକୃତିକ ବିପର୍ଯ୍ୟୟ, ଭୂମିକମ୍ପ, ବାତ୍ୟା, ବନ୍ୟା, ଗଣଦୌଡ, ସାଧାରଣ ସଭା, ପ୍ରଦର୍ଶନୀ, ମେଳା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରଭୃତି ସେଣ୍ଟ ଜନ୍ ଆମ୍ବୁଲାନ୍ସ ଗାଇଡ୍ ଲାଇନ୍ ଅନୁସାରେ ସମସ୍ୟା ବହୁମାତ୍ରାରେ ସମାଧାନ ହେବା ସହିତ ସମାଜ ଉପକୃତ ହୋଇପାରିବ ବୋଲି କୁହାଯାଇଛି। ଏହି ସାକ୍ଷାତ ବେଳେ ଟିକନ ସାହୁ, ଅକ୍ରମ ବାରିକ, ସନ୍ଦୀପ କୁମାର ପ୍ରଧାନ, ଦିଲ୍ଲୀପ୍ ସାମଲ, ସନ୍ତୋଷ କୁମାର ସାହୁ, ସମ୍ଭୁନାଥ ନାହାକ, ଜିତେନ୍ଦ୍ର ବିଶ୍ୱାଳ, ଶରତ ମାଝୀ, ଜୀବନାନନ୍ଦ ସାହୁ, ସଞ୍ଜୟ ପ୍ରଧାନ, ରଂଜିତ୍ ସାହୁ, ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ‘ମଧୁସୂଦନ ଦାସଙ୍କ ଜୀବନ ଓ ଦର୍ଶନ’ ଶୀର୍ଷକ ଆଲୋଚନାଚକ୍ର

ତାଳଚେର, ୪।୫(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୪ତମ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବରେ ପ୍ରାବନ୍ଧିକ ତଥା ଅବସରପ୍ରାପ୍ତ ପ୍ରଫେସର୍ ଡ.ପ୍ରଦୀପ୍ତ କୁମାର ବାରିକ ‘ମଧୁସୂଦନ ଦାସଙ୍କ ଜୀବନ ଓ ଦର୍ଶନ’ ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗଦେଇ କହିଥିଲେ ଯେ, ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡିଶାର ସ୍ୱାଭିମାନର ପ୍ରତୀକ। ସେ କେବଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାରା ନ ଥିଲେ, ତତ୍କାଳୀନ ଓଡ଼ିଶାରେ ଶିଳ୍ପ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ପ୍ରଦେଶ ନିର୍ମାଣ ଲାଗି ସ୍ୱପ୍ନ ଦେଖିଥିଲେ। ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ବା ସମାଜ ସୁଧାରକ ନ ଥିଲେ, ଥିଲେ ଓଡିଆ ଭାଷା, ସାହିତ୍ୟର ସାଧକ ଓ ଉପାସକ। ତାଙ୍କ ରଚନାରେ ଜାତୀୟତାବୋଧ, ଆଧ୍ୟାତ୍ମିକତା ଏବଂ ତତ୍କାଳୀନ ସାମାଜିକ ଓ ରାଜନୈତିକ ଅବସ୍ଥାର ସ୍ୱର ସୁସ୍ପଷ୍ଟ ବାରି ହୋଇପଡେ ବୋଲି ଆଲୋଚକ ଡ.ବାରିକ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସନ୍ତୋଷ କୁମାର ମହାପାତ୍ର ଓଁକାର ବନ୍ଦନା କରିଥିବା ବେଳେ ସଂସଦର ସଂଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂଜିତା ତ୍ରିପାଠୀ ଶାନ୍ତିପାଠ କରିଥିଲେ। ଏହି ପାଠ୍ୟଚକ୍ରରେ ବିବେକାନନ୍ଦ ଲୋକ ସଂସଦର ଅନୁଗୋଳ ଶାଖା ଉପସଭାପତି ପ୍ରତାପ ତ୍ରିପାଠୀ, ଡ.ଚୈତନ୍ୟ ସାହୁ, ହରେକୃଷ୍ଣ ଗିରି, ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ଡ.ବିଶ୍ୱଜିତ ଖମାରୀ, ବିପିନ ଶତପଥୀ, ପ୍ରଭାତ ନଳିନୀ ଦାସ, ସଂକର୍ଷଣ ଶତପଥୀ, ବିପିନ ଶତପଥୀ, ଗତିକୃଷ୍ଣ ପାଣିଗ୍ରାହୀ, ପ୍ରମୋଦ ପାଢୀ, ଉମାକାନ୍ତ ପଣ୍ଡା, ଜୟଶ୍ରୀ ଶତପଥୀ, ନିର୍ମଳ ମହାପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ।

### ପାଲଲହଡ଼ା ବିଧାନସଭା ଆସନ

## ବିଜେପି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ



ପାଲଲହଡ଼ା, ୪।୫(ସମିସ): ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ଅନୁଗୋଳ ଜିଲ୍ଲା ପାଲଲହଡ଼ା ବିଧାନସଭା ଆସନ ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ନାମାଙ୍କପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ପାଲଲହଡ଼ା ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀଙ୍କ ପାଖରେ ଦଳୀୟ ଟିକେଟ ଦେଇ ନାମାଙ୍କପତ୍ର ଦାଖଲ କରିଛନ୍ତି। ପ୍ରବଳ ଗରମ ସତ୍ତ୍ୱେ ନିଜ ନେତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ଜନତାଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ପତି ନାମାଙ୍କନପତ୍ର ଗ୍ରହଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା’ ବସନ୍ତମଞ୍ଜରି ପ୍ରଧାନ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ରହି ଅଶୋକଙ୍କ ମନୋବଳ ବୃଦ୍ଧି କରିଥିବା ବେଳେ ବିଜେପିର ଢେଙ୍କାନାଳ ସାଂସଦ ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଅଶୋକଙ୍କ ସହିତ ଶୋଭାଯାତ୍ରାରେ ଯୋଗଦେଇଥିଲେ। କଣିହାଁ ଓ ପାଲଲହଡ଼ା ଅଞ୍ଚଳର ସମସ୍ତ ବରିଷ୍ଠ ବିଜେପି ନେତା ଉପସ୍ଥିତ ଥିଲେ।

## ତାଳଚେର ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ବୈଠକ

ତାଳଚେର, ୪।୫(ସମିସ): ତାଳଚେର ବ୍ରାହ୍ମଣୀବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ଓ ଦୀପଶିଖା ସଙ୍କୁଳ ଅନ୍ତର୍ଗତ ୧୭ଟି ଶିଶୁମନ୍ଦିରର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ସଂଗଠନ ସମ୍ପାଦକ ତାରକା ଦାସ ସରକାର ଯୋଗ ଦେଇଥିଲେ। ତାଳଚେର ସଙ୍କୁଳ ସଂଯୋଜକ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ମଧ୍ୟସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁମନ୍ଦିରଗୁଡିକର ଶୈକ୍ଷିକ ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି ସହ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଓ ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ଓ ଦୀପଶିଖା ସଙ୍କୁଳ ଅନ୍ତର୍ଗତ ସମସ୍ତ ଶିଶୁମନ୍ଦିରର ସଂପାଦକ ଓ ପ୍ରଧାନାଚାର୍ଯ୍ୟ ଯୋଗ ଦେଇଥିଲେ। ଶେଷରେ ତାଳଚେର ଶିଶୁ ମନ୍ଦିରର ସଂପାଦକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## ନିର୍ମଳ ସାହୁ ହେଲେ ବିଜେଡି ରାଜ୍ୟ ସମ୍ପାଦକ



ବଆଁରପାଳ, ୪।୫(ସମିସ): ବଆଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର ନିର୍ମଳ ଚନ୍ଦ୍ର ସାହୁଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ଦଳ ପକ୍ଷରୁ ନିଯୁକ୍ତି ମିଳିଛି। ଗତ ୧ ତାରିଖରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ମିଳିଛି। ଏଥିପାଇଁ ଶ୍ରୀ ସାହୁ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ତଥା ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କାର୍ତ୍ତିକ.ପାଣ୍ଡିଆନ, ବିଧାୟକ ରଜନୀକାନ୍ତ ସିଂହ, ଜିଲ୍ଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ଦଳୀୟ ସଂଗଠନ ଓ ଆସନ୍ତା ନିର୍ବାଚନ ପାଇଁ ନିଷ୍ଠାର ସହ କାର୍ଯ୍ୟକରିବେ ବୋଲି କହିଛନ୍ତି।

## ଭାରତ ବିକାଶ ପରିଷଦ ପକ୍ଷରୁ ପାନୀୟ ଜଳ ବିତରଣ

ଅନୁଗୋଳ, ୪।୫(ସମିସ): ବିଭିନ୍ନ ଜନହିତକର କାର୍ଯ୍ୟରେ ସମର୍ପିତ ଅଖିଳ ଭାରତୀୟ ସାମାଜିକ ସାଂସ୍କୃତିକ ସଂଗଠନ ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ଓ ଲାୟନ୍ସ କ୍ଲବ ଅନୁଗୋଳର ମିଳିତ ସହଯୋଗରେ ଅନୁଗୋଳ ବ୍ଲକ ଅଫିସ ନିକଟରେ ଏକ ଶୀତଳ ପାନୀୟ ଜଳ ବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଅନୁଗୋଳ ସହରରେ ଅତିମାତ୍ରାରେ ଉତ୍ତାପ ବୃଦ୍ଧି ଓ ବିଶୁଦ୍ଧ ପାନୀୟ ଜଳର ଅଭାବକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ତୃଷା ମେଣ୍ଟାଇବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରରେ ବିଭିନ୍ନ ସମୟରେ ଲେମ୍ବୁ ସରବତ ଓ ଦହି ସର୍ବତ ବିତରଣ କରିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ପରିଷଦର ସଭାପତି ପ୍ରଫେସର ସାନ୍ତନୁ କୁମାର ସର, ଉପାଧ୍ୟକ୍ଷ ଭରତ ଚନ୍ଦ୍ର ଗଡ଼ନାୟକ, ବିଜୟ କୁମାର ମୋଦି, ହୃଦାନନ୍ଦ ପଣ୍ଡା, ମନ୍ମଥ କୁମାର ଦାସ, ଅନିରୁଦ୍ଧ ଦାସ, ସୁରେଶ ସାହା, ସ୍ମିତା ପଟ୍ଟନାୟକ, ଲ୍ୟାୟନ୍ସ କ୍ଲବର ରାଜକୁମାର ମହୁରୀ, ବଜରଙ୍ଗ ଲାଲ ଅଗ୍ରୱାଲ, ଅଶୋକ ମୁରାରକା, ଅଶୋକ କୁମାର ସାହୁ, ବାସୁଦେବ ଚୌଧୁରୀ, ତ୍ରୈଲୋକ୍ୟ ଦେହୁରୀ, ସଂଗ୍ରାମ ରଞ୍ଜନ ଦାସ, ସୁଶାନ୍ତ କୁମାର ଖଟୁଆ, ରାଜକୁମାର ଅଗ୍ରୱାଲ, ରାଜେଶ ଗୋଏଲ ପ୍ରମୁଖ ଉପସ୍ଥିତ ରହି ଜଳ ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



### ଡାକ୍ତର ବଦଳିକୁ ବିରୋଧ ସହ ଖଣି ଶ୍ରମିକଙ୍କୁ ଚିକିତ୍ସାରେ ଅବହେଳା ଘଟଣା

## ୯ରେ ଶ୍ରମିକ ସଂଗଠନର ଆନ୍ଦୋଳନ ଚେତାବନୀ

ତାଳଚେର ସଦର, , ୪।୫(ସମିସ): ତାଳଚେର ଲିଙ୍ଗରାଜ କୋଇଲା ଖଣି କ୍ଷେତ୍ରରେ ୨ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି। ସେଥି ମଧ୍ୟରୁ ଗୋଟିଏ ଲିଙ୍ଗରାଜ ଟାଉନସିପରେ ଥିବା ବେଳେ ଅନ୍ୟଟି ଦେଉଳବେଡ଼ାରେ ରହିଛି। ଦେଉଳବେଡ଼ାରେ ରହିଥିବା ଡାକ୍ତରଖାନାରେ ଜଣେ ଡାକ୍ତରଙ୍କ ବଦଳି ପ୍ରତିବାଦ ଓ ଅନ୍ୟ ଜଣେ ଡାକ୍ତର ଖଣି ଶ୍ରମିକମାନଙ୍କୁ ଚିକିତ୍ସାରେ ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ୩ ଶ୍ରମିକ ସଂଗଠନ ପକ୍ଷରୁ ଆଗାମୀ ୯ତାରିଖ ଦିନ ଏହାକୁ ବିରୋଧକରି ଆନ୍ଦୋଳନ ଡାକରା ଦିଆଯାଇଛି। ଘଟରାରୁ ପ୍ରକାଶ ଯେ, ଦେଉଳବେଡ଼ା ଡାକ୍ତରଖାନାରେ ଡା. ଯୁଗନ୍ତ କୌଶିକ କିଛିବର୍ଷ ହେବ ନିଯୁକ୍ତି ହୋଇଛନ୍ତି। ଏହି ଡାକ୍ତରଖାନାରେ ରୋଗୀ ସଂଖ୍ୟା ବଢ଼ିବାରୁ କଣିହାଁ ଏମସିଏଲ ଅଞ୍ଚଳରେ କାର୍ଯ୍ୟ କରୁଥିବା ଡାକ୍ତର ଏସଏସ ଆଲମଙ୍କୁ ଦେଉଳବେଡ଼ା ଡାକ୍ତରଖାନାରେ ଅସ୍ଥାୟୀଭାବେ ନିଯୁକ୍ତି ଦିଆଯାଇଛି। ମାତ୍ର ଶ୍ରୀ ଆଲମ ନିୟମିତ ଭାବେ ଡାକ୍ତରଖାନାରେ ରୋଗୀ ଚିକିତ୍ସା ନକରି ଏକ ନିର୍ଦ୍ଦିଷ୍ଟ ବାହାର କ୍ଲିନିକରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ଏଥିନେଇ ଖଣି ଶ୍ରମିକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଶ୍ରମିକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ବୋଲି ଏହା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଶ୍ରମିକମାନେ ଲିଙ୍ଗରାଜ କୋଇଲା ଖଣି ଜିଏମ୍ ଓ ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରିଥିଲେ। ସେମାନେ ଡାକ୍ତର ଆଲମଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇଥିବା ବେଳେ ଶ୍ରୀ ଆଲମ ଏଥିପ୍ରତି କର୍ଣ୍ଣପାତ କରୁ ନଥିବାରୁ ଲିଙ୍ଗରାଜ ଖଣି ଶ୍ରମିକ ସଂଗଠନ ଏହାର ପ୍ରତିବାଦରେ ଆଗାମୀ ୯ତାରିଖ ଦିନ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଡାକ୍ତର ଯୁଗନ୍ତ କୌଶିକଙ୍କର ଅନ୍ୟ ସ୍ଥାନକୁ ବଦଳି ହୋଇଥିବା ଘଟଣାକୁ ଶ୍ରମିକ ସଂଗଠନ ବିରୋଧ କରିଛନ୍ତି। ଏଥିନେଇ ୩ ସଂଗଠନ ଏଚଏମଏସର ସାଧାରଣ ସମ୍ପାଦକ କ୍ଷୀରୋଦ ବାରିକ, ବିଏମଏସର ସମ୍ପାଦକ ଭରତ ଭୂତିଆ ଓ ମନୋରଞ୍ଜନ ପ୍ରଧାନ, ଆଇଏନଟିୟୁସିର ସମ୍ପାଦକ ରଘୁନାଥ ସମାଲ, ମହେନ୍ଦ୍ର ଗୁରୁ ପ୍ରମୁଖ ମିଳିତଭାବେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଢେଙ୍କାନାଳ ଲୋକସଭା ପ୍ରାର୍ଥୀ

# ବିଜେଡିର ଅବିନାଶ ଓ କଂଗ୍ରେସର ସସ୍ମିତା ସ୍ୱଚ୍ଛ

## ରୁଦ୍ର ପାଣିଙ୍କ ନାମରେ ରହିଛି ଏକାଧିକ ମାମଲା







**ଢେଙ୍କାନାଳ, ୪।୫ (ସମିସ) :** ଢେଙ୍କାନାଳ ଲୋକସଭା ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ଡ. ଅବିନାଶ ସାମଲ, ବିଜେପିର ରୁଦ୍ରନାରାୟଣ ପାଣି ଏବଂ କଂଗ୍ରେସର ସସ୍ମିତା ବେହେରା ନିଜର ପ୍ରାର୍ଥିପତ୍ର ଦାଖଲ କରିବା ସହିତ ସମ୍ପତ୍ତି ଏବଂ ଅପରାଧିକ ମାମଲାର ତଥ୍ୟ ଆଫିଡେଭିଟ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, ତାଳଚେର, ପାଲଲହଡ଼ା ଏବଂ ଅନୁଗୋଳ ରହିଥିବା ବେଳେ ଚଳିତ ଥର ଲୋକସଭା ନିର୍ବାଚନ ପାଇଁ ବିଜେଡିର ଡ.ଅବିନାଶ ସାମଲଙ୍କୁ ପ୍ରାର୍ଥୀ କରାଯାଇଛି। ତାଙ୍କ ନାମରେ କୌଣସି ଅପରାଧିକ ମାମଲା ନଥିବା ସେ ନିଜ ଆଫିଡେଭିଟ ମାଧ୍ୟମରେ ପ୍ରକାଶ କରିଛନ୍ତି। ଜଣେ ଡାକ୍ତର ଭାବରେ ସେ ନିଜର ଯୋଗ୍ୟତା ହାସଲ କରିଛନ୍ତି। ସେହିପରି କଂଗ୍ରେସର ସସ୍ମିତା ବେହେରା ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ତାଙ୍କ ନାମରେ ମଧ୍ୟ କୌଣସି ମାମଲା ନାହିଁ। ଏହି ଦୁଇ ପ୍ରମୁଖ ଦଳର ନେତା ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସହ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ବିଜେପି ତରଫରୁ ନାମାଙ୍କନ ଦାଖଲ କରିଥିବା ରୁଦ୍ରନାରାୟଣ ପାଣିଙ୍କ ନାମରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ପରଜଙ୍ଗ ଥାନାରେ ୧୪୬/୨୦୧୭ ସିଟି ସ୍ପେଶାଲ କେସ ନଂ ୪୪୧/୨୦୧୭, ଢେଙ୍କାନାଳ ଟାଉନ ଥାନାରେ ୩୧୬/୨୦୧୬ ଏବଂ ଏସଡିଜେଏମଙ୍କ ଅଦାଲତରେ ଜିଆର କେସ ନଂ ୧୨୦୮/୧୬, ପରଜଙ୍ଗ ଥାନାରେ ୨୧୧/୨୦୧୫ ଏବଂ ଜେଏମଏଫସି ଢେଙ୍କାନାଳରେ ଜିଆର କେସ ନଂ.୨୮୫/୧୫, ରାଉରକେଲା ଜିଆର କେସ ନଂ ୩୨/୧୩ ଜେଏମଏଫସି ରାଉରକେଲାଙ୍କ ଅଦାଲତରେ ମାମାଲା ରହିଛି। ସେହିପରି ଅନୁଗୋଳ ଥାନାରେ ୩୦/୨୦୧୩ ଏସଡିଜେଏମଙ୍କ ଅଦାଲତରେ ଜିଆର କେସ ନଂ ୭୦/୨୦୧୩, ଟାଉନ ଥାନାରେ ୧୦୯/୨୦୧୦ ଜିଆର କେସ ନଂ ୬୦୦/୨୦୧୦, କଣ୍ଟାବଣିଆ ଥାନାରେ ୪୮/୨୦୦୫ ଜିଆର କେସ ନଂ ୫୯୪/୨୦୧୦, ରାଉରକେଲା ଜିଆରପି କେସ ନଂ ୦୯/୨୦୦୫ ଜିଆର କେସ ନଂ ୯/୨୦୦୫ରେ ମାମଲା ରହିଛି। ବିଜେଡି ପ୍ରାର୍ଥୀଙ୍କ ନାମରେ କୌଣସି ମାମଲା ନଥିବାରୁ ଭୋଟରମାନେ ବେଶ ଖୁସିବ୍ୟକ୍ତ କରିଛନ୍ତି। ଚଳିତ ନିର୍ବାଚନରେ ଚଳିତଥର ଯୁବନେତା, ଶିଳ୍ପପତି, ଡାକ୍ତର ଅବିନାଶ ସାମଲଙ୍କୁ ଭରସା କରି ଲୋକେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରିଛନ୍ତି। ୨୦୧୪ ନିର୍ବାଚନରେ ତଥାଗତ ଶତପଥୀ ୪ ଲକ୍ଷ ୫୩ ହଜାର ୨୭୭ଖଣ୍ଡ ଭୋଟ ପାଇଥିବା ବେଳେ ରୁଦ୍ରନାରାୟଣ ପାଣି ୩ ଲକ୍ଷ ୧୫ ହଜାର ୯୩୭ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ବିଜେପିକୁ ମାତ୍ର ୩୦.୩୨ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେଡିକୁ ୪୩.୫ପ୍ର ତିଶତ ଭୋଟ ମିଳିଥିଲା। ସେହିପରି ୨୦୧୯ରେ ବିଜେଡିର ମହେଶ ସାହୁ ୫ଲକ୍ଷ ୨୨ ହଜାର ୮୮୪ଖଣ୍ଡ ଭୋଟ ପାଇଥିବା ବେଳେ ରୁଦ୍ରନାରାୟଣ ପାଣି ୪ଲକ୍ଷ ୮୭ ହଜାର ୪୭୨ ଖଣ୍ଡ ଭୋଟ ପାଇଥିଲେ। ବିଜେଡକୁ ୪୬.୨୧ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେପିକୁ ୪୩.୬ ପ୍ରତିଶତ ଭୋଟ ମିଳିଥିଲା। ଜିଲ୍ଲାରେ ବିଜେପି ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିବା ବେଳେ ବାରମ୍ବାର ନିର୍ବାଚନ ହାରିବା ପରେ ବିଜେପିର ତୁଙ୍ଗ କୁହାଯାଉଥିବା ରୁଦ୍ର ନାରାୟଣ ପାଣିଙ୍କ ଉପରେ ଭୋଟରମାନେ ଭରସା କରିପାରୁ ନଥିବା ଆଲୋଚନା ହେଉଛି। ଯୁବନେତା ତଥା ସମାଜସେବୀ ଡ. ଅବିନାଶ ସାମଲଙ୍କୁ ଯୁବ ଭୋଟରଙ୍କଠାରୁ ଆରମ୍ଭ କରି ସମସ୍ତେ ସହଜରେ ଗ୍ରହଣ କରୁଥିବାରୁ ନିର୍ବାଚନରେ ପୁଣି ଥରେ ବିଜେଡି ବାଜିମାତ୍ କରିବ ବୋଲି ଭୋଟରମାନେ ମତବ୍ୟକ୍ତ କରିଛନ୍ତି।

# ଆକାଶ ମାର୍ଗରେ ପୁଣି ବୁଲିଲା ହେଲିକପ୍ଟର



**ଢେଙ୍କାନାଳ, ୪।୫ (ସମିସ) :** ଢେଙ୍କାନାଳ ଆକାଶ ମାର୍ଗରେ ଶନିବାର ଦିନ ପୁଣି ଏକ ହେଲିକପ୍ଟର ପଇଁତରା ମାରିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯାହାକୁ ନେଇ ଚର୍ଚ୍ଚା ଆଲୋଚନା ଯେତିକି ହେଉଛି, ଲୋକଙ୍କ ଭିତରେ ସେତିକି ଭୟ ବି ସୃଷ୍ଟି ହୋଇଛି। ସନ୍ଧ୍ୟା ସମୟରେ ଏକ ହେଲିକପ୍ଟର ସହରର ଚତୁଃପାର୍ଶ୍ୱରେ ପାଖାପାଖି ୬ ରାଉଣ୍ଡ ପଇଁତରା ମାରିଥିଲା। ଆକାଶମାର୍ଗରେ ହେଲିକପ୍ଟରଟିକୁ ଦେଖି ଅଧିକାଂଶ ଲୋକ ନିଜ ମୋବାଇଲରେ ଏହି ଦୃଶ୍ୟକୁ କଏଦ କରିଥିଲେ। ହେଲିକପ୍ଟରଟି କେଉଁଠୁ ଆସିଲା, କୁଆଡେ ଯାଉଥିଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ବୁଧବାର ଦିନ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ କୌଣସି ସୂଚନା ନଥାଇ ଗୁରୁବାର ଏକ ହେଲିକପ୍ଟର ଅବତରଣ କରିବାକୁ ନେଇ ଦିନ ତମାମ ଚର୍ଚ୍ଚା ହୋଇଥିଲା। କୌଣସି ସୂଚନା ନଥାଇ ଏକ ହେଲିକପ୍ଟର ଭିଟି ଜେପିଏଲଟି ମହିଷାପାଟ ପଲ୍ଲୀଶ୍ରୀ ପଡ଼ିଆରେ ଅବତରଣ କରିଥିଲା। ଏହି ହେଲିକପ୍ଟରରେ ୫ ଜଣ ଲୋକ ରହିଥିଲେ। ହେଲିକପ୍ଟରଟି କାହିଁକି ଅବତରଣ କରିଛି, ତାହା ଜଣାପଡ଼ି ନଥିବା ବେଳେ ପୁଲିସ ପହଞ୍ଚି ଯାଞ୍ଚ କରିଥିଲା। ଏହି ହେଲିକପ୍ଟରରେ ୫ ଜଣ ଥିଲେ ବୋଲି ଘଟଣାସ୍ଥଳରେ ଯାଞ୍ଚ କରୁଥିବା ଢେଙ୍କାନାଳ ଫ୍ଲାଇଂ ସ୍କ୍ୱାଡ୍ର ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଶିବରାଜ ସେଠୀ ପ୍ରକାଶ କରିଥିଲେ। ଏହି ହେଲିକପ୍ଟର ବଡ଼ବିଲରୁ ଭୁବନେଶ୍ୱର ଦେଇ ମୁମ୍ବାଇ ଯାଉଥିଲା। କୌଣସି ଯାନ୍ତ୍ରିକ ତ୍ରୁଟି ନଥିଲେ ମଧ୍ୟ ଫୁଏଲ ସରିଯାଇଥିବା କାରଣରୁ ଅବତରଣ କରିଥିବା ଜଣାପଡ଼ିଛି। ତେବେ ଭୁବନେଶ୍ୱରରୁ ଫୁଏଲ ଆସିବା ପରେ ସାଢ଼େ ୧୦ଟାରେ ଏହି ହେଲିକପ୍ଟରଟି ପୁଣି ଉଡାଣ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ କିମ୍ବା ପ୍ରଶାସନର ବିନା ଅନୁମତିରେ ଏହି ହେଲିକପ୍ଟରଟି ଅବତରଣକୁ ନେଇ ଚର୍ଚ୍ଚା ଚାଲିଥିଲା।

■ ଢେଙ୍କାନାଳ ବିଧାନସଭା

# ୨ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ





**ଢେଙ୍କାନାଳ, ୪।୫ (ସମିସ) :** ଢେଙ୍କାନାଳ ବିଧାନସଭା ନିମନ୍ତେ ଶନିବାର ୨ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ବିକାଶ ନାୟକ ପଦଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ସପନ୍ କୁମାର ନନ୍ଦଙ୍କୁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ଭାବେ ଉତ୍ତମ ମହାନ୍ତି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।

■ ପ୍ରକୃତି ବନ୍ଧୁ ସଂଗଠନର ଅନୁରୋଧ

# ଚାରା ଲଗାଅ, ପୃଥିବୀ ବଞ୍ଚାଅ

**ଗଁଦିଆ, ୪।୫ (ସମିସ) :** ଢେଙ୍କାନାଳ ଜିଲ୍ଲା ପ୍ରକୃତି ବନ୍ଧୁ ସଂଗଠନ ତରଫରୁ ଜିଲ୍ଲାର ସମସ୍ତ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନକୁ ଚାରା ରୋପଣ କରି ପୃଥିବୀ ମାତାଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷାକରିବା ପାଇଁ ଅନୁରୋଧ କରାଯାଉଛି। ଏକ ବାର୍ତ୍ତା ମାଧ୍ୟମରେ ଚଳିତବର୍ଷ ରୌଦ୍ରତାପର ପ୍ରତିଫଳନ ବଳରେ ଜନସାଧାରଣ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିବାରୁ ପୃଥିବୀକୁ ରୌଦ୍ରତାପରୁ ରକ୍ଷା କରିବା ପାଇଁ ଅନେକ ଚାରାରୋପଣ ସହ ମଞ୍ଜି ବୁଣି ଚାରା ସୃଷ୍ଟିକରିବା ପାଇଁ ଜିଲ୍ଲା ସଂଗଠନର ସମ୍ପାଦକ ପ୍ରକୃତି ବନ୍ଧୁ ହରିହର ସାହୁ ନିବେଦନ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଅମ୍ଳଜାନର ଅଭାବ ଜନସାଧାରଣ ଉପଲବ୍ଧି କରିପାରିଲେଣି। ସମସ୍ତେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଣୁ ଶାନ୍ତିରେ ରହିବାକୁ ହେଲେ ଗଛର ଯତ୍ନନେବା ପାଇଁ ଶ୍ରୀ ସାହୁ ନିବେଦନ କରିଛନ୍ତି।

ପୁଲିସ୍ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ

# ବ୍ରାହ୍ମଣୀ ନଦୀ ଗର୍ଭରୁ ହଜାର ହଜାର ଲିଟର ମଦ ଜବତ





**ଢେଙ୍କାନାଳ, ୪।୫ (ସମିସ) :** ଓଡ଼ିଶା ଅବକାରୀ ବିଭାଗର କମିଶନର ନରସିଂହ ଭୋଳ ଓ ଢେଙ୍କାନାଳ ଅବକାରୀ ମୁଖ୍ୟ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ମଧ୍ୟସ୍ଥଳୀରେ ଥିବା କାଶିପୁର, ନିହଲ ପ୍ରସାଦ ଓ କଣ୍ଟିରା ବ୍ରାହ୍ମଣୀ ନଦୀପଠାରେ ଚାଲିଥିବା ମଦ ପ୍ରସ୍ତୁତି ସ୍ଥଳରେ ପୁଲିସ୍ ଓ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ଏସବୁକୁ ଜବତ କରାଯାଇଛି। ଏହି ମିଳିତ ଚଢ଼ଉରେ ଯାଜପୁର ପୁଲିସ୍, ଢେଙ୍କାନାଳ ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍ ଓ ଯାଜପୁର ଅବକାରୀ ବିଭାଗ ସାମିଲ ଥିଲେ। ୧୭ ହଜାର ୭ ଶହ ଲିଟର ମଦ ଜବତ ସହ ୧ ହଜାରରୁ ଉର୍ଦ୍ଧ୍ୱ ପୋଚ ନଷ୍ଟ କରାଯାଇଛି। ସେହିପରି ଗଁଦିଆ ଅଞ୍ଚଳରୁ ୧୫ ଲିଟର, ହିନ୍ଦୋଳରୁ ୩୦ ଲିଟର ଜବତ କରିବାରେ ସଫଳ ହେବା ସହ ୨ ଜଣକୁ ଗିରଫ କରାଯାଇଛି। ସେହିପରି କାମାକ୍ଷାନଗର ସହର ମଧ୍ୟରୁ ପ୍ରାୟ ୩ ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ଆଶିଷ ନାୟକଙ୍କୁ ଗିରଫ କରାଯାଇଛି। ହିନ୍ଦୋଳ ଅଞ୍ଚଳରୁ ୨୦ ଲିଟର ତାଡ଼ି ଜବତ କରାଯାଇ ଅଭିଯୁକ୍ତ ଆବୁଆ ବେହେରା, ପରଜଙ୍ଗ ଅଞ୍ଚଳରୁ ୨୨ ଲିଟର ବିଅର ଜବତ କରାଯାଇ ସଂଗ୍ରାମ ଶେଖର ସାହୁଙ୍କୁ ଗିରଫ କରାଯାଇଛି। ପରଜଙ୍ଗ ଚାନ୍ଦପୁର ଅଞ୍ଚଳରୁ ୧୮ ଲିଟର ମଦ ଜବତ କରାଯାଇଛି। ସେହିପରି ୨୮ ତାରିଖ ଦିନ ଭୁବନ ଅଁଳାଝରୀ ଅଞ୍ଚଳରୁ ୩୮ ଲିଟର ସହ ସ୍କୁଟି ଜବତ କରାଯାଇ ଜିତେନ୍ଦ୍ର ପାତ୍ରଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ହିନ୍ଦୋଳ ଅଞ୍ଚଳରୁ ୧୨ଲିଟର ବିଅର, ମାର୍ଥାପୁର ଅଞ୍ଚଳରୁ ୨୫ ଲିଟର ବିଅର, ୭ ଲିଟର ବିଦେଶୀ ମଦ ସହ ଅନୀଲ କୁମାର ମିଶ୍ରଙ୍କୁ ଗିରଫ କରାଯାଇଛି। ସେହିପରି ମହାବିରୋଡ଼ ଅଞ୍ଚଳରୁ ୨୫ଲିଟର ମଦ ସହ ରଞ୍ଜନ ମାହାନ୍ତଙ୍କୁ ଗିରଫ କରାଯାଇଛି। ଗଁଦିଆ ଅଞ୍ଚଳରୁ ୩୦ ଲିଟର ମଦ ସହ ଭୀମା ପୂର୍ତ୍ତି ଓ ସଞ୍ଜୟ ତରାଇଙ୍କୁ ଗିରଫ କରାଯାଇଛି। ଏଥିରେ ୭ଟି କେସ୍ କରାଯାଇ ମଟର ସାଇକେ ଲ୍ ଜବତ ହୋଇଛି। ସେହିପରି ପରଜଙ୍ଗ ଅଞ୍ଚଳରୁ ୧୦୦ ଲିଟର ଦେଶୀମଦ, ୬୦ଲିଟର ବିଅର ଓ ୧୫ଲିଟର ବିଦେଶୀ ମଦ, ୧୨ ଶହ କେଜି ମହୁଲ ସହ ଟାଟା ଏସି ଗାଡ଼ି ଜବତ କରାଯାଇଛି। ଏଥିରେ ୭ଟି କେସ୍ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଢେଙ୍କାନାଳ ସଦର ଅଞ୍ଚଳରୁ ୮୦ ଲିଟର ଦେଶୀ ମଦ ଜବତ ହୋଇଛି। କାମାକ୍ଷାନଗରରୁ ୨୮ ଲିଟର, ବାଲିମି ଅଞ୍ଚଳରୁ ୨୫ଲିଟର, ନିମେଇପୁର ଅଞ୍ଚଳରୁ ୧୮ ଲିଟର, ମହାବିରୋଡରୁ ୨୫ ଲିଟର ଜବତ କରାଯାଇ ପବିତ୍ର ପ୍ରଧାନ, ଦିଲ୍ଲୀପ ବେହେରା, ଅନାମ ପାତ୍ର ଓ ସୁରେନ୍ଦ୍ର ବେହେରାଙ୍କୁ ଗିରଫ କରି ୪ଟି କେସ୍ ରଜୁ ହୋଇଛି। ଗଁଦିଆ ଅଞ୍ଚଳରୁ ୫୦ଲିଟର ମଦ ସହ ଗୋଟିଏ ବାଇକ୍ ଓ ଅଭିଯୁକ୍ତ ମାଗିତା ମଲ୍ଲିକଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଢେଙ୍କାନାଳ ଅବକାରୀ ଅଧିକାରିଣୀ କ୍ରିଷ୍ଣା ନାୟକ, ଡେପୁଟି ସୁପରଣ୍ଟେଣ୍ଡେଣ୍ଟ ସାୱନ କୁମାର ଭୋଳ, ଭୁବନ ଅଧିକାରୀ ସୌରଭ ମିଶ୍ର, ଡେପୁଟି ସୁପରଣ୍ଟେଣ୍ଡେଣ୍ଟ ସ୍ମିତାରାଣୀ ପଟ୍ଟାୟତ, ଶକ୍ତିକା ବେସନ, କେର୍କେଟା, ନରେନ୍ଦ୍ର ପ୍ରଧାନ, ହିନ୍ଦୋଳ ଅଧିକାରୀ କୃଷ ଜାଲ ପ୍ରମୁଖ ସାମିଲ ଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ଦୁର୍ବିସହ ଜୀବନ

**ଢେଙ୍କାନାଳ, ୪।୫ (ସମିସ) :** ଢେଙ୍କାନାଳ ଜିଲ୍ଲାରେ କେନ୍ଦୁପତ୍ର ତୋଳାଳିମାନଙ୍କର ଦୈନିକ ଆୟ ୨୪୦ ଟଙ୍କା ହୋଇଥିବା ଯୋଗୁଁ ସେମାନଙ୍କର ଜୀବନ ଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦୁପତ୍ର ତୋଳାଳିମାନେ ଦୈନିକ ୧୨ ଘଣ୍ଟା ପରିଶ୍ରମ କରୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ମଜୁରି ମିଳୁ ନଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ତରଫରୁ ଛତା,

- ଶହ ଶହ ଶିଶୁ ଶ୍ରମିକ କାର୍ଯ୍ୟରେ ନିୟୋଜିତ
- ତହ ତହ ଖରାରେ ସଂଗ୍ରହ ଚାଲିଛି କେନ୍ଦୁପତ୍ର
- ୨୦୦ କେରିରେ ମିଳୁଛି ମାତ୍ର ୨୪୦ ଟଙ୍କା
- ସର୍ବନିମ୍ନ ମଜୁରି ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି

ଜୋତା, ପାଣି ବୋତଲ ଆଦି ପ୍ରଦାନ କରାଯାଉଥିବା ବେଳେ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାରେ ଶହ ଶହ ଶିଶୁ ଶ୍ରମିକଙ୍କୁ ୪୫ ଡିଗ୍ରୀ ଖରାରେ ବିଭନ୍ନ ସ୍ଥାନରେ ନିୟୋଜିତ କରାଯାଇ କେନ୍ଦୁପତ୍ର ତୋଳାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି।



କେନ୍ଦୁପତ୍ର ଶ୍ରମିକଙ୍କ କଠିନ ପରିଶ୍ରମରେ ସଂଗ୍ରହ ହେଉଛି ସବୁଠାରୁ ଲାଭକାରୀ ମାଦକଦ୍ରବ୍ୟ ପାଇଁ କଞ୍ଚାମାଲ। ବିଡ଼ି ପ୍ରସ୍ତୁତି ପାଇଁ ଯୋଗାଡ଼ ହେଉଛି ପତ୍ର। ପତ୍ର ସଂଗ୍ରହ କରିବା ପାଇଁ ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ସ୍ଥାନରେ ବନବିଭାଗର ତରଫରୁ କେନ୍ଦୁପତ୍ର ଫଡ଼ିମାନ ନିର୍ମାଣ କରାଯାଇଛି। ଏହି ଫଡ଼ିରେ କେନ୍ଦୁପତ୍ର ସଂଗ୍ରହ କରାଯାଇ ବିଭିନ୍ନ ସ୍ଥାନକୁ ବନବିଭାଗ ତରଫରୁ ଯୋଗାଣ ହେଉଛି। ଯେଉଁମାନେ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି, ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ। ବର୍ତ୍ତମାନ ପ୍ରବଳ ଗରମ ଏବଂ ୪୫ ଡିଗ୍ରୀ ଖରାରେ ସେମାନେ ଜଙ୍ଗଲ ଏବଂ ତଏଲାରୁ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। କରୋନା ଯୋଗୁ ଜୀବନ ଜିବିକାରେ ବାଜି ଲାଗିଥିବା ବେଳେ ନିଜର ରୋଜଗାର ଏବଂ ପେଟକୁ ଦାନା ସଂଗ୍ରହ ପାଇଁ ପରିବାରର ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ କେନ୍ଦୁପତ୍ର ସଂଗ୍ରହ କରିବାରେ ଲାଗିଛନ୍ତି। ସକାଳ ୬ଟୁ ଖାଲି ପେଟ କିମ୍ବା ମୁନ୍ଦେ ତୋରାଣୀ ପିଇ କେନ୍ଦୁପତ୍ର ସଂଗ୍ରହ କରି ପ୍ରବଳ ଖରାରେ ଘରକୁ ଫେରିବା ବେଳକୁ ଦିନ ୧୨ଟା ବାଜିଯାଉଛି। ସରକାର ଦିନ ୧୦ଟା ପରେ ଘରୁ ବାହାରିବାକୁ ବାରଣ କରୁଥିବା ବେଳେ ପେଟ ପାଇଁ ଏବଂ ଅଧିକ ପତ୍ର ତୋଳିଲେ ଅଧିକ ରୋଜଗାର ପାଇଁ ଜୀବନକୁ ଖରାରେ ବାଜି ଲଗାଇ କାମ କରିବାକୁ ପଡୁଛି। ଗଣ୍ଠିଲି ବାନ୍ଧି ଘରକୁ ଫେରିବା ପରେ କିଛି ଖାଇ ପୁଣି ପରିବାର ଲୋକ କୋଡ଼ିଏ ଗୋଟି ପତ୍ରକୁ ବାନ୍ଧି କେରି କେରି କରି ରଖିଥାନ୍ତି। କଅଁଳ ଏବଂ ଭଲ ପତ୍ରକୁ ସଜାଡ଼ିବାନ୍ଧିବା ବେଳେକୁ ଅପରାହ୍ନ ୪ ହୋଇଥାଏ। ତା ପରେ ପୁଣି ମୁଣ୍ଡରେ ଲଦି କେନ୍ଦୁପତ୍ରକୁ ଫଡ଼ିରେ ନେଇ ହିସାବ ଦେବା ସହିତ ସଜାଇ ଶୁଖାଇ ଦେବାକୁ ପଡେ। ଏଭଳି ସକାଳ ୭ରୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରିବାକୁ ପଡେ। ଏହି କାର୍ଯ୍ୟ ପାଇଁ କୋଟିଏ କେରି ବା ୨୦ଟି ପତ୍ରକୁ ସରକାର ଦିଅନ୍ତି ମାତ୍ର ଏକ ଟଙ୍କା କୋଡିଏ ପଇସା। ଜଣେ ସୁସ୍ଥ ସବଳ ଏବଂ କୁଶଳୀ ଶ୍ରମିକ ଦୈନିକ ଅତି ବେଶୀରେ ୨୦୦ କେରି ସଂଗ୍ରହ କରିପାରିବ। ଏହି ୨ଶହ କେରିକୁ ୨୪୦ଟଙ୍କା ମିଳିଥାଏ। ଜଣେ ଶ୍ରମିକ ୮ ଘଣ୍ଟା କାର୍ଯ୍ୟକଲେ ୫ଶହ ଟଙ୍କା ପାଉଥିବା ବେଳେ କେନ୍ଦୁପତ୍ର ତୋଳଳିଙ୍କୁ ନା ମିଳୁଛି ନାର୍ଯ୍ୟ ଦର ନା ମିଳୁଛି ଶ୍ରମିକର ମାନ୍ୟତା। ପ୍ରବଳ ଖରାରେ ଜୀବନକୁ ବାଜି ଲଗାଇଲେ ମଧ୍ୟ ସର୍ବନମ୍ନ ମଜୁରୀ ମିଳୁ ନଥିବା ପ୍ରକାଶ କରିଛନ୍ତି କେତେକ ଶ୍ରମିକ। ଆମ ଆଦମୀ ବୀମା ଯୋଜନା ରହିଥିଲେ ମଧ୍ୟ ମୃତ୍ୟୁ ପାଇଁ ମାତ୍ର ୩୦ ହଜାର ଟଙ୍କା ମିଳିବାର ଯୋଜନା ରହିଛି। ସେହିପରି ମାସକୁ ପିଲାମାନଙ୍କୁ ଛାତ୍ରବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି। ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଛତା, ଜୋତା ଏବଂ ପାଣି ବୋତଲ ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ସେମାନଙ୍କୁ କୌଣସି ସୁବିଧା ମିଳୁ ନଥିବା ଅଭିଯୋଗ ହେଉଛି। ଦିନ ତମାମ କାର୍ଯ୍ୟକଲେ ନିଜର ପରିବାର ଚଳିବାକୁ ଯଥେଷ୍ଟ ହେଉନାହିଁ। ସାଧାରଣ ଖାଇବା ତେଲ , ଆଳୁ, ପିଆଜ, ଡାଲି ଇତ୍ୟାଦି ଦରର ଅହେତୁକ ବୃଦ୍ଧି ପାଇଥିବା ବେଳେ ଏମାନଙ୍କ ନିକଟକୁ ପହଞ୍ଚିବା ସ୍ୱପ୍ନ ସଦୃଶ ହୋଇଛି। ଏଭଳି ସ୍ତରରେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଦାମ ବୃଦ୍ଧିକରିବା ସହିତ ସର୍ବନିମ୍ନ ମଜୁରି ବୃଦ୍ଧି କରିବାକୁ ଦାବି ହୋଇଛି। ଏହି କେନ୍ଦୁପତ୍ର ତୋଳାଳିମାନଙ୍କ ଜୀବନ ଜୀବିକା ଏବେ ଦୋଛକିରେ ରହିଥିବା ଜଣାପଡ଼ିଛି। ପ୍ରଶାସନ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



